# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ।

ଅନୁଗୋଳ, ତା.୦୧.୧୦:- ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନ ସୃଷ୍ଟି ନିମନ୍ତେ ପ୍ରତ୍ୟେକ ବର୍ଷ ଅକ୍ଟୋବର ଏକ ତାରିଖକୁ ଆମେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ ହୋଇଆସୁଛି । ରକ୍ତଦାନ ଏକ ମହତ ଦାନ । ଉଦାରତା ପ୍ରଦର୍ଶନ କରିବା ସହ ମାନବିକ ଦୃଷ୍ଟି କୋଣରୁ ରକ୍ତ ଦାନ କରିବା ନିହାତି ଜରୁରୀ । ଏହି ଉପଲକ୍ଷେ ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହି ଦିବସ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିବା ସହ ରକ୍ତଦାନ ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ରକ୍ତଦାନ କରିବାକୁ ହେଲେ ଜଣେ ବ୍ୟକ୍ତିକୁ ୧୮ ରୁ ୬୫ ବର୍ଷ ମଧ୍ୟରେ ହୋଇଥିବା ଦରକାର । ଶରୀରର ଓଜନ ୪୫ କିଲୋଗ୍ରାମରୁ ଅଧିକ, ରକ୍ତ ଚାପ ସିଷ୍ଟୋଲିକ୍ ୧୦୦ ରୁ ୧୪୦ ମି.ମି ଓ ଡାଇଲୋସିସ୍ ୬୦ ରୁ ୯୦ ମି ମି ମଧ୍ୟରେ ଥିବା ଆବଶ୍ୟକ । ଏହାଛଡା ନାଡିର ଗତି ପ୍ରତି ମିନିଟ୍ ୬୦ ରୁ ୧୦୦ ମଧ୍ୟରେ ଥିବା ଦରକାର । ଥାଲାସେମିଆ ରୋଗୀଙ୍କୁ ରକ୍ତ ସଂଚାରଣ ପାଇଁ ଆବଶ୍ୟକ ଲିକୋସାଇଟ୍ ଫିଲଟର ସରକାରୀ ରକ୍ତ କେନ୍ଦ୍ରରେ ବିନା ମୁଲ୍ୟରେ ଯୋଗାଇ ଦିଆଯାଉଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

